# NATIONAL NEWS BULLETIN (ODIA)
## 4 February - 2026
## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଆସନ୍ତା ଶୁକ୍ରବାର ପ୍ରସାରଣ ହେବ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମର ଚଳିତ ସଂସ୍କରଣ ।

– କାର୍ଯ୍ୟକ୍ରମକୁ ଦେଖିବାକୁ ଦେଶବାସୀଙ୍କୁ ଅନୁରୋଧ କଲେ ପ୍ରଧାନମନ୍ତ୍ରୀ ।

- ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ମୁଦ୍ରାନୀତି କମିଟି ବୈଠକ ଆଜିଠାରୁ ଆରମ୍ଭ ।
- ୱାଶିଂଟନ୍ ଡିସି ଠାରେ ଆଜି ଆରମ୍ଭ ହେବ ଗୁରୁତ୍ୱପୂର୍ଣ୍ଣ ଖଣିଜ ମନ୍ତ୍ରୀ ସ୍ତରୀୟ ବୈଠକ; ଯୋଗଦେବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ଓଡ଼ିଶାରେ ବେଆଇନ୍ ଅନୁପ୍ରବେଶ ନେଇ ୯ ଜଣ ବାଂଲାଦେଶୀ ନାଗରୀକଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ।

ଏବଂ

- ୧୯ ବର୍ଷରୁ କମ୍ ପୁରୁଷ ବର୍ଗ ଆଇ.ସି.ସି. ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଏବଂ ଆଫ୍‌ଗାନିସ୍ତାନ ମଧ୍ୟରେ ଆଜି ଖେଳାଯିବ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ।

# ପିଏମ୍-ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆସନ୍ତା ଶୁକ୍ରବାର ପ୍ରସାରଣ ହେବାକୁ ଥିବା **ପରୀକ୍ଷା ପେ ଚର୍ଚ୍ଚା** ଆଲୋଚନା କାର୍ଯ୍ୟକ୍ରମ ଦେଖିବାକୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଦେଶର ଯୁବପିଢ଼ିଙ୍କ ସହିତ ଭାବ ବିନିମୟ କରିବା ଅତ୍ୟନ୍ତ ଉତ୍ସାହଜନକ ଥିଲା । ଚାପମୁକ୍ତ ପରୀକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ମୋଦୀ ଏ କ୍ଷେତ୍ରରେ ଥିବା ଆହ୍ୱାନଗୁଡ଼ିକୁ ପ୍ରତିହତ କରିବା, ମାନସିକ ସନ୍ତୁଳନ ବଜାୟ ରଖିବା ଏବଂ ଦୃଢ଼ ଆତ୍ମବିଶ୍ୱାସ ଉପରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ ମତବିନିମୟ କରିଛନ୍ତି । ଚଳିତ ଥର ଦେବମୁଗ୍ରା, କୋଏମ୍ବାଟୁର, ରାୟପୁର, ଗୁଆହାଟୀ ଏବଂ ଦିଲ୍ଲୀ ସ୍ଥିତ ୭ ଲୋକକଲ୍ୟାଣ ମାର୍ଗଠାରେ ଅନୁଷ୍ଠିତ ଅଧିବେଶନରେ ପରୀକ୍ଷା ଯୋଦ୍ଧାଙ୍କ ସହ ମତବିନିମୟ ହୋଇଥିବା ଶ୍ରୀ ମୋଦୀ ସୂଚନା ଦେଇଛନ୍ତି ।

## ରାଷ୍ଟ୍ରପତିଙ୍କ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତର ତୃତୀୟ ଦିନରେ ବର୍ତ୍ତମାନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ପାଇଁ ପୁରୀ ବାଲିସାହିସ୍ଥିତ ଶ୍ୱେତଗଙ୍ଗା ପୁଷ୍କରିଣୀଠାରେ ପହଞ୍ଚିଛନ୍ତି ।  ପିଣ୍ଡଦାନ ପରେ ରାଷ୍ଟ୍ରପତି ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସକାଳ ୧୦ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଛି । ଶ୍ରୀଜୀଉଙ୍କ ଦର୍ଶନ ପରେ ରାଷ୍ଟ୍ରପତି ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟସୂଚୀ ରହିଛି ।

## ଆର୍‌ବିଆଇ-ଏମ୍‌ପିସି

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ମୁଦ୍ରାନୀତି କମିଟି ବୈଠକ ଆଜିଠାରୁ ଆରମ୍ଭ ହେଉଛି । ଆର୍.ବି.ଆଇ. ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ୬ ସଦସ୍ୟ ବିଶିଷ୍ଟ ଏହି କମିଟି ବୈଠକ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ । ବୈଠକ ପରେ କମିଟିର ନିଷ୍ପତ୍ତି ଶୁକ୍ରବାର ଦିନ ଘୋଷଣା କରାଯିବ । ଆର୍.ବି.ଆଇ. ଗତବର୍ଷ ଫେବୃୟାରୀ ମାସଠାରୁ ରେପୋ ହାରରେ ୧୨୫ ବେସିସ୍ ପଏଣ୍ଟ ହ୍ରାସ କରିସାରିଛି । ଗତ ଡିସେମ୍ବର ମାସରେ ଅନୁଷ୍ଠିତ ମୁଦ୍ରାନୀତି କମିଟି ବୈଠକରେ ଶେଷଥର ପାଇଁ ବେସିସ୍ ପଏଣ୍ଟ ହ୍ରାସ ପାଇଥିଲା ।

# ଜୟଶଙ୍କର-ୟୁଏସ୍ ଭିଜିଟ୍

ୱାଶିଂଟନ୍ ଡିସିଠାରେ ଆଜିଠାରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ମନ୍ତ୍ରୀ ସ୍ତରୀୟ ବୈଠକ ଆରମ୍ଭ ହେଉଛି । ଏହି ବୈଠକରେ ଯୋଗଦେବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତିନି ଦିନିଆ ଆମେରିକା ଗସ୍ତରେ ଯାଇଛନ୍ତି । ୱାଶିଂଟନ୍‌ଠାରେ ଗତକାଲି ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ସହ ଡକ୍ଟର ଜୟଶଙ୍କର ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ତଥା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ ପ୍ରସଙ୍ଗଗୁଡ଼ିକ ଉପରେ ଉଭୟଙ୍କ ମଧ୍ୟରେ ମତବିନିମୟ ହୋଇଛି ।

ଉଭୟ ନେତା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ହୋଇଥିବା ବାଣିଜ୍ୟ ଚୁକ୍ତିକୁ ସ୍ୱାଗତ କରିଛନ୍ତି । ଡକ୍ଟର ଜୟଶଙ୍କର ପୂର୍ବରୁ ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ ।

## ମଣିପୁର-ବିଜେପି

ମଣିପୁର ବିଜେପି ବିଧାୟକ ଦଳ ନେତା ଭାବେ ୟୁମ୍‌ନାମ୍ ଖେମଚନ୍ଦ ସିଂହ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ନୂଆଦିଲ୍ଲୀରେ ଦଳୀୟ ମୁଖ୍ୟାଳୟଠାରେ ଗତକାଲି ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ସେ ନିର୍ବାଚିତ ହୋଇଛନ୍ତି । ଦଳର ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତରୁଣ ଚୁଗ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ନେତୃତ୍ୱ ତଥା ଶ୍ରୀ ସିଂହଙ୍କ ଅଭିଜ୍ଞତା ଏବଂ ଦୃଢ଼ ନେତୃତ୍ୱ ଦଳକୁ ଅଧିକ ମଜବୁତ କରିବା ସହିତ ରାଜ୍ୟବାସୀଙ୍କ ଆକାଂକ୍ଷା ପୂରଣ କରିବାରେ ସହାୟକ ହୋଇପାରିବ । ମୁଖ୍ୟମନ୍ତ୍ରୀ ପଦରୁ ଏନ୍. ବିରେନ ସିଂହ ଇସ୍ତଫା ଦେବା ପରେ ଗତବର୍ଷ ଫେବୃୟାରୀ ମାସରୁ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ରହିଥିଲା ।

## ଅଶ୍ୱିନୀ ବୈଷ୍ଣବ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ମୁମ୍ବାଇ-ଅହମ୍ମଦାବାଦ ଅତି ଦ୍ରୁତଗାମୀ ରେଳପଥ ପ୍ରକଳ୍ପର ମହାରାଷ୍ଟ୍ରର ପାଲଘରଠାରେ ନିର୍ମିତ ଦ୍ୱିତୀୟ ପର୍ବତ ସୁଡ଼ଙ୍ଗ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । ଦେଶର ମହତ୍ୱାକାଂକ୍ଷି ବୁଲେଟ୍ ଟ୍ରେନ୍ କରିଡ଼ରରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ

ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଏଥିରେ ସାମିଲ ହୋଇଥିବା ସବୁ ଅଂଶିଦାରଙ୍କ କାର୍ଯ୍ୟକୁ ପ୍ରଶଂସା କରି ଶ୍ରୀ ବୈଷ୍ଣବ କହିଛନ୍ତି, ସମଗ୍ର ବିଶ୍ୱ ଭାରତର ଏହି ପ୍ରଥମ ହାଇସ୍ପିଡ୍ ରେଳ ପ୍ରକଳ୍ପର ସଫଳତା ଦେଖିବାକୁ ପାଇବ । ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପ ପାଇଁ ବ୍ୟବହୃତ ମେସିନ୍‌ଗୁଡ଼ିକ ଭାରତରେ ହିଁ ନିର୍ମିତ ହୋଇଛି । ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଗୁଜରାଟ ସେକ୍‌ସନ୍‌ରେ ବାଣିଜ୍ୟିକ ଭାବେ ଆସନ୍ତା ବର୍ଷ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ୨୦୨୮ ସୁଦ୍ଧା ଥାନେ ପର୍ଯ୍ୟନ୍ତ ଏବଂ ୨୦୨୯ ସୁଦ୍ଧା ଏହି ରେଳ କରିଡ଼ର ମୁମ୍ବାଇକୁ ସଂଯୋଗ କରିବ ବୋଲି ଶ୍ରୀ ବୈଷ୍ଣବ ଆଶାବ୍ୟକ୍ତ କରିଛନ୍ତି ।

## ଓଡ଼ିଶା ଇଲିଗାଲ ଇମିଗ୍ରାଣ୍ଟସ୍

ଓଡ଼ିଶାରେ ବେଆଇନ୍ ଅନୁପ୍ରବେଶ ନେଇ ୯ ଜଣ ବାଂଲାଦେଶୀ ନାଗରୀକଙ୍କୁ ଦୁଇବର୍ଷ ସଶ୍ରମ କାରାବାସ ଏବଂ ଜରିମାନା ଦଣ୍ଡାଦେଶ ହୋଇଛି । ଭୁବନେଶ୍ୱର ସବ୍‌ଡିଭିଜନାଲ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟ୍ ଗତକାଲି ଏହି ରାୟ ପ୍ରକାଶ କରିଛନ୍ତି । ଜରିମାନା ଅନାଦେୟ ସେମାନଙ୍କୁ ଅତିରିକ୍ତ ତିନି ମାସ ଜେଲ୍ ଦଣ୍ଡ ପାଇଁ ମଧ୍ୟ କୋର୍ଟ୍ ରାୟରେ ସ୍ପଷ୍ଟ କରିଛନ୍ତି । ଭୁବନେଶ୍ୱର ରେଳ ଷ୍ଟେସନ୍‌ରୁ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ୍‌ର ସ୍ୱତନ୍ତ୍ର ଟାସ୍କଫୋର୍ସ୍ ଏହି ୯ ଜଣ ବାଂଲାଦେଶୀଙ୍କୁ ଗିରଫ୍ କରିଥିଲା । ସେମାନଙ୍କଠାରୁ ମୋବାଇଲ୍ ଫୋନ୍ ସହିତ ବାଂଲାଦେଶୀ ଓ ଭାରତୀୟ

ମୁଦ୍ରା ଜବତ କରାଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମୋଟ୍ ୩ ହଜାର ୭୪୦ ଜଣ ବାଂଲାଦେଶୀ ନାଗରୀକଙ୍କୁ ଓଡ଼ିଶାରେ ବେଆଇନ୍ ବସବାସ କରୁଥିବା ନେଇ ଚିହ୍ନଟ କରାଯାଇଛି । ସେଥିରୁ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ସର୍ବାଧିକ ରହିଛନ୍ତି । ଏ ପର୍ଯ୍ୟନ୍ତ ଯାଞ୍ଚ୍ ପରେ ୪୯ ଜଣଙ୍କୁ ଦେଶାନ୍ତର କରାଯାଇଥିବା ଜଣାପଡ଼ିଛି ।

## ମାଓବାଦୀ

ସମ୍ବିଧାନ ଅନୁଯାୟୀ ଗଣତାନ୍ତ୍ରିକ ତଥା ଆଇନ୍‌ଗତ ବ୍ୟବସ୍ଥା ମଧ୍ୟରେ ସମାଜର ଉପେକ୍ଷିତ ବର୍ଗଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି ଓଡ଼ିଶା ମାଓବାଦୀ ରାଜ୍ୟ କମିଟିର ଦୁଇ ସଦସ୍ୟ ମତ ଦେଇଛନ୍ତି । ରାଜ୍ୟ ସରକାର ଏବଂ ଗୃହ ବିଭାଗକୁ ଲେଖିଥିବା ପତ୍ରରେ ନିଖିଲ ଓରଫ୍ ନିରଞ୍ଜନ ରାଉତ ଏବଂ ଇନ୍ଦୁ ଓରଫ୍ ଅଙ୍କିତା ଓରଫ୍ ରଶ୍ମିତା ଲେଙ୍କା କହିଛନ୍ତି, ସଶସ୍ତ୍ର ସଂଘର୍ଷ ପରିତ୍ୟାଗ କରି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଧିକାର ପାଇଁ ଆନ୍ଦୋଳନ ଜାରି ରଖିବା ସମୟୋପଯୋଗୀ ହେବ । ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ସେମାନେ ଜାରି ରଖିଥିବା ହିଂସାତ୍ମକ କାର୍ଯ୍ୟକପଳାରୁ ନିବୃତ୍ତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ନେଇ ଚିଠିରେ ଉଲ୍ଲେଖ କରିଛନ୍ତି । ତେବେ ସରକାରଙ୍କଠାରୁ ସକାରାତ୍ମକ ତଥା ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ମିଳିବା ପରେ ସେମାନେ ଆତ୍ମସମର୍ପଣ

କରିବେ ବୋଲି କହିଛନ୍ତି । ଏଥିସହିତ ଅନ୍ୟ ସହଯୋଗୀଙ୍କୁ ହିଂସାତ୍ମକ କାର୍ଯ୍ୟକଳାପ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପ୍ରବର୍ତ୍ତାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସୁରକ୍ଷା ସହିତ ସମସ୍ତ ପ୍ରକାର ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଆଶ୍ୱାସନା ଦେଇଛନ୍ତି ।

## ଅଣ୍ଡର ନାଇଣ୍ଟିନ୍ ୱାର୍ଲ୍ଡକପ୍ କ୍ରିକେଟ୍

୧୯ ବର୍ଷରୁ କମ୍ ପୁରୁଷ ବର୍ଗ ଆଇ.ସି.ସି. ଦିନିକିଆ ଆନ୍ତର୍ଜାତିକ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ହରାରେ ସ୍ପୋର୍ଟସ୍ କ୍ଲବ୍ ଠାରେ ଏହି ମ୍ୟାଚ୍ ଭାରତ ଏବଂ ଆଫ୍‌ଗାନିସ୍ତାନ ମଧ୍ୟରେ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ଗୋଟାଏରେ ମ୍ୟାଚ୍ ଆରମ୍ଭ ହେବ । ଏହି ମ୍ୟାଚ୍‌ର ବିଜେତା ଆସନ୍ତା ଶୁକ୍ରବାର ଦିନ ଫାଇନାଲ୍ ପର୍ଯ୍ୟାୟରେ ଇଂଲଣ୍ଡ ବିରୁଦ୍ଧରେ ଖେଳିବ । ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟରେ ଏ ପର୍ଯ୍ୟନ୍ତ ଅପରାଜେୟ ରହିଛି । ୨୦୦୦ ମସିହାରୁ ଭାରତ ଏ ପର୍ଯ୍ୟନ୍ତ ୫ଥର ବିଶ୍ୱକପ୍ ଟାଇଟଲ ହାସଲ କରିଛି ।

ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍‌ରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ୨୭ରନ୍‌ରେ ପରାସ୍ତ କରିଛି ।

# ଡବ୍ଲ୍ୟୁପିଏଲ୍ କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଟାଇଟଲ ହାସଲ ପାଇଁ ଆସନ୍ତାକାଲି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଗତକାଲିର ଏଲିମିନେଟ୍‌ର ପର୍ଯ୍ୟାୟ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟ୍‌ରେ ଗୁଜରାଟ ଜାଏଣ୍ଟସ୍‌କୁ ପରାସ୍ତ କରିଛି । ଭଦଦୋଦରାର ବି.ସି.ଏ. ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୬୮ରନ୍ ସଂଗ୍ରହ କରିଥିଲା । ୧୬୯ରନ୍‌ର ବିଜୟ ଲକ୍ଷ୍ୟକୁ ଦିଲ୍ଲୀ କ୍ୟାପିଟାଲ୍ସ ୧୫ ଓଭର ୪ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ସଂଗ୍ରହ କରିପାରିଥିଲା । ଜେମିମା ରୋଡ୍ରିଗିଜ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।